# ଦୋଳପର୍ବ ଓ ଲଉଡ଼ି ଲୋକଗୀତରେ ଓଡ଼ିଆ ଅସ୍ମିତା

**ବିଶ୍ୱରଂଜନ ମହାନ୍ତି**

ଅତିଥି ଅଧ୍ୟାପକ, ଓଡ଼ିଆ ବିଭାଗ, ପାଞ୍ଜିଗଡ଼ ସୋମନାଥ ସିଂ ଜଗଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ବଅଁରପାଳ

**E-Mail:** mohantybiswa150@gmail.com

**Reviewed by:** ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

| Submission Date: | Publication Date: |
|---|---|
| 09-06-2025 | 14-07-2025 |

**Article No:** BB-I-III-2025-06

**ସଂକ୍ଷିପ୍ତସାର :**

କଥାରେ ଅଛି:- ଓଡିଶା ରାଜ୍ୟରେ ବର୍ଷକ ବାରମାସ ତେରପର୍ବ । ପର୍ବପର୍ବାଣି ଆସିଲେ ଘରେଘରେ ଆନନ୍ଦ ଉତ୍ସବମୁଖର ହୋଇଉଠେ । ପ୍ରତ୍ୟେକ ପର୍ବପର୍ବାଣି ପାଳନ କରିବାର କିଛି ପରଂପରା ଓ ଉଦ୍ଦେଶ୍ୟ ରହିଅଛି।ଏହା ସହ ଜଡ଼ିତ ହୋଇ ରହିଥାଏ ପ୍ରତ୍ୟେକ ଓଡିଆଙ୍କ ଭାବାବେଗ।ଫାଲଗୁନ ମାସରେ "ଦୋଳପର୍ବ"ପାଳନ କରାଯାଇଥାଏ । ଏହି ପର୍ବରେ ସମସ୍ତେ ପାଳନ କରୁଥିବା ବେଳେ ମୁଖ୍ୟତଃ ଗୋପାଳ ଜାତିର ଲୋକମାନେ ପାଳନ କରିଥାନ୍ତି।ପାଳନ ସମୟରେ ଲଉଡି ଖେଳ ସହ ଲୋକଗୀତ ମଧ୍ୟ ଗାନ କରିଥାନ୍ତି ।

ଯାହା ବର୍ତ୍ତମାନ ସମୟରେ କିଛି କିଛି ଗ୍ରାମୀଣ ଜନଜୀବନରେ ବଞ୍ଚିରହିଛି। ଧିରେଧିରେ ଏହା ଲୁପ୍ତପ୍ରାୟ ହେବାକୁ ଯାଉଅଛି । ଯୁଗଯୁଗ ଧରି ପ୍ରଚଳିତ ହୋଇଆସୁଥିବା ଲଉଡି ଲୋକଗୀତର ପରଂପରା,ସ୍ୱତନ୍ତ୍ରତା,ବୈଶିଷ୍ଟ୍ୟ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ପ୍ରବନ୍ଧର ମୂଳଲକ୍ଷ୍ୟ ।

**ପ୍ରମୁଖ ଶବ୍ଦାବଳୀ :** ଲୋକଗୀତ,ଦୋଳପର୍ବ,ଓଡ଼ିଆ ଅସ୍ମିତା,ଲଉଡି ଲୋକଗୀତ,ପଲ୍ଲୀଜୀବନ,ଗୋପାଳ

ପୁଣ୍ୟଭୂମି ଭାରତ ବର୍ଷରେ ଓଡ଼ିଶା ଦେବଭୂମି ରୂପେ ପ୍ରସିଦ୍ଧ। ପ୍ରାଚୀନ କାଳରୁ ଓଡ଼ିଶା କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଆସିଛି । ଏହି ସ୍ୱାତନ୍ତ୍ର୍ୟ ମଧ୍ୟ ପରିଲକ୍ଷିତ ହୁଏ ତା'ର ପର୍ବପର୍ବାଣି ପାଳନ କ୍ଷେତ୍ରରେ । ପର୍ବପର୍ବାଣିକୁ ବାଦ୍ ଦେଲେ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ । ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ । ସୁତରାଂ ଚିନ୍ତାଶୀଳ, ଅଭିଜ୍ଞ, ସମାଜ ହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ,ସଂହତି ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି। ଏଥିପାଇଁ ପର୍ବପର୍ବାଣିର ରାଜ୍ୟ ଓଡ଼ିଶା।

ସର୍ବଧର୍ମ ସମନ୍ୱୟର ଭୂମି ଓଡ଼ିଶାରେ ମୁଖ୍ୟତଃ ଅନାବିଳ ଭକ୍ତି ଭାବନାର ସମୃଦ୍ଧି ପାଇଁ,ଅବସର ବିନୋଦନ ପାଇଁ, କର୍ତ୍ତବ୍ୟ ନିଷ୍ଠାର ପାରମ୍ପରିକତା ପାଇଁ ଏବଂ ସ୍ନେହମମତା ତଥା ସଦ୍ଭାବ ସଦ୍‌ଇଚ୍ଛାର ପାରସ୍ପରିକତା ପାଇଁ ପର୍ବପର୍ବାଣିଗୁଡ଼ିକ ମହାଡମ୍ବରରେ ପାଳିତ ହୁଏ । ଜାତୀୟ ମାନସିକତା ଓ ସାଂସ୍କୃତିକ ଶୃଙ୍ଖଳାବୋଧକୁ ନେଇ ଓଡ଼ିଆମାନେ ବାରମାସରେ ତେରପର୍ବ ପାଳନ କରିଥାନ୍ତି।ସେଗୁଡିକ ମଧ୍ୟରୁ ରଙ୍ଗ ତଥା ପ୍ରେମ ଶାନ୍ତିର ପର୍ବ ଦୋଳପର୍ବ ହିନ୍ଦୁମାନଙ୍କର ଏକ ବିଶିଷ୍ଟ ପର୍ବ।ବସନ୍ତ ଋତୁରେ ପାଳନ କରାଯାଉଥିବା ପର୍ବପର୍ବାଣି ଗୁଡ଼ିକ ମଧ୍ୟରେ ଦୋଳପର୍ବ ଏକ ମୁଖ୍ୟ ପର୍ବ।ଋତୁମାନଙ୍କ ମଧ୍ୟରେ ବସନ୍ତର ଶ୍ରେଷ୍ଠତ୍ୱ ଯୁଗେଯୁଗେ ରହିଛି । କବି କଣ୍ଠରେ ବସନ୍ତର ଜୟ ଜୟ କାର ଯୁଗେ ଯୁଗେ ଅନୁରଣିକ ହୋଇଛି।ଆମ୍ବବଉଳର ସୁଗନ୍ଧ,ମୃଦୁମଳୟର ପ୍ରୀତିପଦ ପ୍ରବାହ, କୋଇଲିର କୁହୁତାନ,ପାଦପଲ୍ଲବର ବିକାଶ,ରଙ୍ଗବେରଙ୍ଗ ପୁଷ୍ପାବଳିର ପ୍ରକାଶ ଓ ପୁଷ୍ପ ସମ୍ଭାରରେ ଭ୍ରମରମାନଙ୍କର ଗୁଞ୍ଜନ ନେଇ ଋତୁରାଜ ବସନ୍ତ ଧରାପୃଷ୍ଠକୁ ଆଗମନ କରେ।ଶୀତର ପ୍ରଭାବ ନ ଥାଏ।ଖାଦ୍ୟପେୟର ମଧ୍ୟ ଅଭାବ ନଥାଏ।ବସନ୍ତ ମନରୁ ସନ୍ତାପ ପୋଛି ନେଇଥାଏ।ଜଗତକୁ ରସାଇ,ହସାଇ ଓ ସ୍ୱପ୍ନବିଭୋର କରି

ଦୋଳ ପଲ୍ଲୀଜଗତର ପ୍ରାଣରେ ଆନନ୍ଦ ସୃଷ୍ଟି କରେ।ବସନ୍ତର ଏହି ମନଛୁଆଁ ପରିବେଶରେ ଦୋଳୋତ୍ସବ ପାଳନ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ।ବାସ୍ତବରେ ଦୋଳୋତ୍ସବକୁ ବସନ୍ତୋତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ।

ପଲ୍ଲୀ କହିଲେ ନିପଟ ମଫସଲ ବା ଗାଆଁକୁ ବୁଝାଇଥାଏ। ଓଡ଼ିଶାରେ ଗାଁ ମାଟି-ପାଣି -ପବନ ସବୁଥିରେ ଓଡ଼ିଆତ୍ୱ ଭରି ହୋଇ ରହିଛି।ଗାଆଁ ଯେତେ ନିପଟ ମଫସଲ ହେଉ ନା କାହିଁକି,ଗାଆଁର ଆତ୍ମୀୟତା, ଗାଆଁର ମହକ, ଗାଆଁର ସ୍ୱାଦ ଯେତେ ଯେଉଁ ଆଡ଼େ ଗଲେ ମଧ୍ୟ ମିଳେନା ଗାଆଁ ବିନା ଫିକା ପଡ଼େ ସବୁରଙ୍ଗ।ତାଙ୍କର ପାଟିରୁ ଯାହା ବାହାରିଛି ତାହା ତାର ମାତୃଭାଷା ଏବଂ ତାହାକୁ ସଙ୍ଗୀତ ରୂପେ ଫନ୍ଦି ଗାଇଲେ ତାହା ପଲ୍ଲୀ ସଙ୍ଗୀତ ପାଲଟି ଯାଇଛି। ଏଥିରେ ସ୍ୱପ୍ନ ବା କଳ୍ପନା ନାହିଁ। ଯାହା ସତ୍ୟ, ତାହା ବାସ୍ତବ, ତାକୁ ଗାନ କରିଛି ସାଧାରଣ ମଣିଷଟି। ପ୍ରତିଦିନ ଘଟୁଥିବା ଘଟଣାମାନ ରୂପ ପାଇଛି ତାର ପଦ୍ୟ ମାଧ୍ୟମରେ।

କୁଞ୍ଜବିହାରୀ ଦାସ ଲୋକଗୀତିକାର ସଂଜ୍ଞା ଦେବାକୁ ଯାଇ କହିଛନ୍ତି, "ଲୋକ ଗୀତ ଅଗଣିତ ଜନ ହୃଦୟର ସ୍ମାରକୀ, କଣ୍ଠରୁ କଣ୍ଠକୁ ଏହା ଆସେ, ପ୍ରତି ଯୁଗରେ ଏହା ପରିବର୍ତ୍ତିତ ଏବଂ ପରିବର୍ଦ୍ଧିତ ହୁଏ"।

ନଟବର ସାମନ୍ତରାୟ ଲୋକଗୀତର ବୈଶିଷ୍ଟ୍ୟକୁ ପରିଲକ୍ଷିତ କରି ସାତ ଭାଗରେ ବିଭକ୍ତ କରିଛନ୍ତି;ଯଥା ୧.ପଲ୍ଲୀ ପ୍ରାଣତା, ୨.ପଲ୍ଲୀ ଜୀବନର ପ୍ରାଣପୂର୍ଣ୍ଣ ପରିପ୍ରକାଶ,୩. ମୌଖିକ ପ୍ରବାହ,୪.ଏକକ ବା ସାମୁହିକ ଆବୃତ୍ତି,୫. ରଚୟିତାର ନାମହୀନତା, ୬. ସଙ୍ଗୀତର ମଧୁର ମୂର୍ଚ୍ଛନା, ୭. ବିଷୟବସ୍ତୁର ଅର୍ଥ ହୀନତା।

ଲୋକ ଗୀତର ମୌଳିକ ଗୁଣକୁ ଡଃ କୃଷ୍ଣଚନ୍ଦ୍ର ପ୍ରଧାନ ବିଭାଗୀକରଣ କରିଛନ୍ତି। ଯଥା,୧. ବୈୟକ୍ତିକତାର ଅଭାବ, ୨. ମୌଖିକ ପରମ୍ପରା, ୩. ପୁନରାବୃତ୍ତି ଧର୍ମିତା, ୪. ସ୍ୱତଃସ୍ଫୁର୍ତତା, ୫. ଭାବର ଲୟାତ୍ମକ ଅଭିବ୍ୟକ୍ତି, ୬. ନିରର୍ଥକ ଶବ୍ଦ ପ୍ରୟୋଗ, ୭. ପ୍ରଶ୍ନୋତ୍ତର ପ୍ରସଙ୍ଗ, ୮. ସଂଖ୍ୟା ଓ ବସ୍ତୁ ସୂଚନା, ୯. ବୌଦ୍ଧିକ ଚାତୁର୍ଯ୍ୟ, ୧୦. ଅନୁଭୂତିର ନିବିଡ଼ତା।ସରଳ ନିଷ୍କପଟ ଗାଉଁଲି ମଣିଷଟିଏ ପଦେ ଅଧେ ଗାଇ ଦେଇଥାଏ ଆପଣା ମନରୁ ଯେଉଁଥିରେ ନା ଥାଏ କାବ୍ୟିକ ଭାଷା, ନା ଥାଏ ଅପରିମେୟ ଆଳଙ୍କାରିତା, ନା ଥାଏ କୃତିମ ଛନ୍ଦବୋଦ୍ଧ କବିତା, ମାତ୍ର ହୃଦୟର ଅନାବିଳ ସ୍ନେହର ପ୍ରେମଧାରା ପ୍ରବାହିତ ହୋଇ ଆନମନା କରିପକାଏ।

**ଦୋଳପର୍ବ: -**

ଆମର ବିଭିନ୍ନ ପର୍ବପର୍ବାଣି ଗୁଡ଼ିକ ମଧ୍ୟରୁ ଦୋଳପର୍ବ ଅନ୍ୟତମ।ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ତିଥିରୁ ଗ୍ରାମେ ଗ୍ରାମେ ଦୋଳ ଉତ୍ସବ ଆରମ୍ଭ ହୁଏ।ଫାଲଗୁନ ପୂର୍ଣ୍ଣିମାକୁ ଦୋଳପୂର୍ଣ୍ଣିମା କୁହାଯାଏ।ଏହି ଦିନ ଦୋଳୋତ୍ସବ ଶେଷ ହେଲେ ମଧ୍ୟ ଚୈତ୍ରମାସର ଦଶବାର ଦିନ ପର୍ଯ୍ୟନ୍ତ ଦୋଳଯାତ୍ରା ଚାଲିଥାଏ। ଚୈତ୍ରର ପାଞ୍ଚଦିନ,ସାତଦିନ ଓ ଦଶଦିନ ମଧ୍ୟରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଞ୍ଚଦୋଳ, ସପ୍ତଦୋଳ ଓ ଦଶଦୋଳ କୁହାଯାଏ।ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣ।ଏହି ଦିନ ଠାରୁ ରାଧାକୃଷ୍ଣଙ୍କ ପାଖରେ ଅବିର ଅର୍ପଣ କରାଯାଇଥାଏ।ରାଧାକୃଷ୍ଣଙ୍କର ଚଳନ୍ତି ପ୍ରତିମାକୁ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଏ ଏବଂ ଦୁଆର ଦୁଆର ବୁଲି ଭୋଗ ଖାଇଥାଆନ୍ତି ଠାକୁର।ଖଜା, ଚଣା,ଖଇ,ଉଖୁଡା,କଞ୍ଚା ଆମ୍ବ,ନଡ଼ିଆ,କଦଳୀ ଓ ଅବିର ଇତ୍ୟାଦି ଠାକୁରଙ୍କ ପାଖରେ ଭୋଗ ଲାଗି କରାଯାଇଥାଏ।ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ ଦ୍ୱାରୀ ଭୋଗ କୁହାଯାଏ।ଏହି ଭୋଗଖିଆରୁ ସ୍ୱଷ୍ଟ ଅନୁମିତ ହୁଏ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସହୃଦୟତା ବିଦ୍ୟମାନ।ମଣିଷ ସିନା ଦେବତା ନିକଟକୁ ଯାଏ,ଦେବତା ମଧ୍ୟ ମଣିଷ ପାଖରେ ପ୍ରାର୍ଥୀ ରୂପେ ଦଣ୍ଡାୟମାନ ହୁଏ।ଏହି ଉଦାର ପରିକଳ୍ପନା ଦୋଳୋତ୍ସବରୁ ଦେଖିବାକୁ ମିଳେ।

ଦୋଳୋତ୍ସବ ସହିତ ବିଭିନ୍ନ ପୌରାଣିକ କାହାଣୀମାନ ସଂଯୁକ୍ତ ହୋଇରହିଛି।ଗୋଟିଏ ପଟେ ରାଧାକୃଷ୍ଣଙ୍କ ପ୍ରେମଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟପଟରେ ଅନ୍ୟାନ୍ୟ ପୌରାଣିକ ଗାଥା ମଧ୍ୟ ଶୁଣିବାକୁ ମିଳେ ।

ରାଧାକୃଷ୍ଣଙ୍କର ବସନ୍ତ ରସୋତ୍ସବକୁ କେନ୍ଦ୍ରକରି ଦୋଳଯାତ୍ରାର ସୃଷ୍ଟି ବୋଲି କୁହାଯାଏ । ବୃନ୍ଦାବନର ଯମୁନା ନଦୀ କୂଳରେ ଶ୍ରଦ୍ଧାଳୁ ଗୋପାଙ୍ଗନାଗଣ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ ଚାଚେରୀ ଖେଳିଥିଲେ।"ଝୁଲାଅ ଗୋ ଝୁଲଣ ଦୋଳି"ଗୀତଗାଇ ସେମାନେ ଆତ୍ମହରା ହୋଇ ପଡୁଥିଲେ।ବାସ୍ତବିକ ସେଇ ସ୍ମୃତି ମନରେ ଭରିଦିଏ ଆଶ୍ୱାସନା ଓ ପ୍ରାଣରେ ଭରିଦିଏ ଅସରନ୍ତି ପୁଲକ।

**ହୋଲିକା ଦହନ:-**

ନଡା ଗଦା କରି ଦୋଳପୂର୍ଣ୍ଣମୀ ରାତିରେ ବା ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ଅଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରାଣିକ ଉପାଖ୍ୟାନ ସହିତ ଜଡ଼ିତ । ଏହା ହୋଲିକା ଦହନ ନାମରେ ପରିଚିତ।ହୋଲିକା ଏକ ରାକ୍ଷସୀ ଓ ଦହନ ରାଜା ହିରଣ୍ୟ - କାଶ୍ୟପର ଭଉଣୀ।ଶିଶୁ ପ୍ରହ୍ଲାଦକୁ ମାରିବା ନିମିତ୍ତ ହୋଲିକା ଓ ହିରଣ୍ୟକାଶ୍ୟପ ଷଡ଼ଯନ୍ତ୍ର କରିଥିଲେ।କାରଣ ହୋଲିକା ଶିବଙ୍କଠାରୁ ବରପ୍ରାପ୍ତ ହୋଇଥିଲା ଯେ,ସେ ଜଳରେ ବୁଡିବ ନାହିଁ କି ନିଆଁରେ ପୋଡ଼ିବ ନାହିଁ କିନ୍ତୁ ବିଷ୍ଣୁଙ୍କର ବଡ ଭକ୍ତ ଥିଲା ପ୍ରହ୍ଲାଦ, ତେଣୁ ଯେତେବେଳେ ହୋଲିକା ପ୍ରହ୍ଲାଦକୁ ନେଇ ଅଗ୍ନିରେ ପ୍ରବେଶ କରିଲା,ହୋଲିକା ଭସ୍ମୀଭୂତ ହୋଇଗଲା, ପ୍ରହ୍ଲାଦର କିଛି ହୋଇ ନଥିଲା।ଏଥରୁ ଜଣାପଡ଼େ ଯେ, ନାସ୍ତିକତା ପ୍ରେରିତ ଦୁଷ୍ଟଶକ୍ତି ଉପରେ

ଭକ୍ତ ଓ ଶିଶୁ ପ୍ରହ୍ଲାଦ ପ୍ରତି ଆଶୀର୍ବାଦ କରୁଥିବା ଦୈବୀ ଶକ୍ତିର ବିଜୟ ହୋଇଥିଲା।ତେଣୁ ଏହାକୁ ପ୍ରତୀକାତ୍ମକ ବିଜୟ ରୂପେ ପାଳନ କରାଯାଇଥାଏ।

**ପୁତନା ରାକ୍ଷସୀର ଉପାଖ୍ୟାନ:-**

ରାଜା କଂସ,କୃଷ୍ଣଙ୍କୁ ମାରିବା ପାଇଁ ମଥୁରାରୁ ଗୋପପୁରକୁ ପୁତନା ରାକ୍ଷସୀକୁ ପଠାଇଥିଲେ।ସେଥିପାଇଁ ରାକ୍ଷସୀ ପୁତନା ନିଜ ସ୍ତନରେ ହଳାହଳ ବିଷପୂର୍ଣ୍ଣ କରି କ୍ଷୀର ରୂପେ ପାନ କରାଇ ସମସ୍ତ ଗୋପାଳ ଶିଶୁକୁ ମାରିବା ପାଇଁ ଯୋଜନା କରି ଗୋପପୁରକୁ ଯାଇଥିଲା।କୃଷ୍ଣ ପୁତନାର ସ୍ତନ୍ୟପାନ କରିବାର ଛଳନା କରି,ଛଳନାମୟୀ ସୁନ୍ଦରୀର ପଞ୍ଚପ୍ରାଣ ଶୋଷଣ କରିଥିଲେ । ଦିବ୍ୟସୁନ୍ଦରୀ ରୂପ ଧାରଣ କରିଥିବା ପୁତନା ତା'ର ଅସଲ ରୂପ ପ୍ରକାଶ କରି ମୃତ୍ୟୁବରଣ କରିଥିଲା।ଶ୍ରୀକୃଷ୍ଣ ସନ୍ଥ ଓ ଭକ୍ତମାନଙ୍କୁ ପାଳନ କରିବା ପାଇଁ ଦୁଷ୍ଟ ନିବାରଣ କରିଥିବା ଯୋଗୁଁ ହୋଲି ବା ଦୋଳଉତ୍ସବ ପାଳିତ ହୁଏ ବୋଲି କେତେକ ଲୋକ ମତବ୍ୟକ୍ତ କରନ୍ତି ।

**ଓଡ଼ିଆ ଅସ୍ମିତା ପ୍ରସଙ୍ଗ:-**

ଓଡ଼ିଆ ଅସ୍ମିତା ହେଉଛି ଓଡ଼ିଶାର ଅସାଧାରଣ ସଂସ୍କୃତି,ଐତିହ୍ୟ ଓ ପରମ୍ପରାର ଏକ ଅବିଭାଜ୍ୟ ଅଂଶ।ଭାଗବତକାର ଜଗନ୍ନାଥ ଦାସ ଭାଗବତରେ ଏକ ସୁନ୍ଦର କଥାଟିଏ ଉଲ୍ଲେଖ କରିଛନ୍ତି -

"ସକଳ ବୈଷ୍ଣବ ପୂଜିବ

ଆପଣା ତତ୍ତ୍ୱ ନ ଛାଡ଼ିବ ।"

ଏହି ଆପଣା ତତ୍ତ୍ୱଟି ହେଉଛି ବ୍ୟକ୍ତିର ସ୍ୱାତନ୍ତ୍ର୍ୟ, ତା'ର ଅସ୍ମିତାର ପରିଚାୟକ।"ଅସ୍ମିତା" ଶବ୍ଦଟି ମୂଳ ସଂସ୍କୃତ ଶବ୍ଦରୁ ଉଦ୍ଭୂତ। ଅସ୍ମ + ଇତା = ଅସ୍ମିତା।"ଅସ୍ମ" କହିଲେ "ଅସ୍ତିତ୍ୱ" ଓ "ଇତା" କହିଲେ "ପରିଚୟ"।ଅର୍ଥାତ୍ ପ୍ରଥମେ "ଅସ୍ତିତ୍ୱ" ଏବଂ ତା'ପରେ "ପରିଚୟ"।"ଅସ୍ମିତା" ମୁଁ, ଆମେ ଆଦି ଭାବକୁ ବୁଝାଇଥାଏ।ମୁଁ, ଆମ ରାଜ୍ୟ, ଆମ ଭାଷା,ଆମ ସାହିତ୍ୟ,ଆମ ସଂସ୍କୃତି,ଆମ ପରମ୍ପରା,ଆମ ପର୍ବପର୍ବାଣି,ଆମ ଗାଁ,ଆମ ମାଟି ହିଁ ଆମ ଅସ୍ମିତା।ତେଣୁ ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ଓଡ଼ିଶା ଓ ଓଡ଼ିଆଙ୍କ ସହ ଜଡ଼ିତ ପ୍ରତ୍ୟେକ କଥା ହିଁ ହେଉଛି ଓଡ଼ିଆ ଅସ୍ମିତା।

**ଲଉଡ଼ି ଲୋକଗୀତ:-**

ଲୋକଗୀତ ଲୋକ ସାହିତ୍ୟର ଏକ ବଳିଷ୍ଠ ବିଭବ। ଓଡ଼ିଶାରେ ଲୋକଗୀତର ବହୁଳତା ଲକ୍ଷଣୀୟ।ସାଧାରଣ ଲୋକମାନଙ୍କ ମୁଖରେ ପଦେ ଅଧେ ଲୋକଗୀତ ନିଶ୍ଚିତ ରୂପେ ସ୍ଥାନ ପାଇଥିବ।ଲୋକଗୀତ ସର୍ବଜନଗ୍ରାହ୍ୟ । ଏହାର ଭାଷା ଓ ଭାବ ସରଳ ଓ ସାବଲୀଳ । ଏହା ଗ୍ରାମୀଣ ଲୋକମୁଖରୁ ସ୍ୱତଃସ୍ଫୁର୍ତ୍ତ ଭାବେ ଉତ୍ସରିତ।ଓଡ଼ିଶା ଏକ ପଲ୍ଲୀବହୁଳ ରାଜ୍ୟ ହୋଇଥିବାରୁ ଏହାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ଲୋକଗୀତ ପରିଦୃଷ୍ଟ ହୋଇଥାଏ।ସେଗୁଡିକ ମଧ୍ୟରୁ ଦୋଳୋତ୍ସବରେ ଗାନ କରାଯାଉଥିବା ଲଉଡ଼ିଗୀତ ବେଶ୍ ଜନପ୍ରିୟ।ଲଉଡ଼ିଗୀତ ଓଡ଼ିଶାର ଲୋକଗୀତର ପରିଚାୟକ । ଓଡ଼ିଆ ଅସ୍ମିତା ତଥା ଓଡ଼ିଆ ମାଟିର ପରିଚାୟକ । ଯାହା ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି।

"ବାହାର ଗୋପାଳ ପିଲା ହୋ / ଆଜି ଧରିଥା ବାହୁଙ୍ଗି ଭାର / ଏ କଳା ବାଦଲଟା / ଘୋଟି ଆସୁଅଛି ଅନ୍ଧାର / ଭୈରବୀ ମାଆ ଆମ ସାହା ହେ / କାନ୍ଧେ ବାହୁଙ୍ଗି ଭାର । / ହାତରେ ଧରିଣ ବାଡି / ମୁଣ୍ଡରେ ବାନ୍ଧି ପଗଡ଼ି / ଚାଲୁଅଛି ଧାଡ଼ି ଧାଡ଼ି / ଅଣ୍ଟାରେ ବାନ୍ଧି ଘାଗୁଡ଼ି । / ଭୈରବୀ ମାଆ ଆମ ସାହା ହେ / କାନ୍ଧେ ବାହୁଙ୍ଗି ଭାର।"

ଦୋଳପର୍ବ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ଦୋଳ ପୂର୍ଣ୍ଣିମାର ଆରାଧ୍ୟ ଦେବତା ଶ୍ରୀକୃଷ୍ଣ ଗୋପାଳ ହୋଇଥିବାରୁ ଗୋପାଳ ଭାଇମାନେ ଏହି ସମୟରେ "ଲଉଡ଼ି ଖେଳ" ମାଧ୍ୟମରେ କୃଷ୍ଣଲୀଳା ଚରିତ ପ୍ରଶ୍ନୋତ୍ତର ଠାଣିରେ ନାଚି ନାଚି ଗାଇଥାନ୍ତି । ସେମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳ ଗୋବିନ୍ଦଙ୍କୁ ପୂଜା କରନ୍ତି । ହାତରେ ଲମ୍ବାବାଡି,ମୁଣ୍ଡରେ ପଗଡ଼ି ଓ ଅଣ୍ଟାରେ ଘାଗୁଡି ବାନ୍ଧି ଖେଳ ଖେଳନ୍ତି।ଏହା ଅତ୍ୟନ୍ତ ମନୋମୁଗ୍ଧକର।ବାସ୍ତବିକ ଏହି ଲୋକଗୀତରୁ ଲଉଡି ଖେଳ ସମୟର ପାରମ୍ପରିକ ବେଶଭୂଷା ପରିଧାନ ସଂପର୍କରେ ଅବଗତ ହୋଇପାରୁଛନ୍ତି।ପୁଣି ବଂଶୀ ଓ ଲୋକବାଦ୍ୟ ଶିଙ୍ଗନାଦରେ ଦାଣ୍ଡ ଉଚ୍ଛୁଳି ପଡ଼େ ।" ଗୋପାଳ ଓଗାଳ" ଗୀତ ଗାଇ ସେମାନେ ନୃତ୍ୟରତ ହୁଅନ୍ତି।

"ହେ ଗୋପାଳ ଭାଇ / ହେ ଗୋପାଳ ଭାଇ / ସର୍ବେ ଆସିଛ ଏ ସ୍ଥାନ ଧାଇଁ / ଲଉଡ଼ି ଖେଳିବା ପାଇଁ / ହେ ଗୋପାଳ ଭାଇ ।।

ପ୍ରଥମେ ବନ୍ଦିଲୁ ରାଧାକୃଷ୍ଣ ଚରଣ / ଦ୍ୱିତୀୟେ ନୀଳାଚଳକୁ କଲୁ / ବନ୍ଦନ ତୃତୀୟେ ବନ୍ଦିଲୁ / ଆମ୍ଭ ଗ୍ରାମ ଦେବତୀ / ଚତୁର୍ଥେ ବନ୍ଦିଲୁ ଭଇରବ ମୁରତୀ / ପଞ୍ଚମେ ବନ୍ଦେ ମୁହିଁ / ସର୍ବେ ଆସିଅଛି ଧାଇଁ / ହେ ଗୋପାଳ ଭାଇ / ହେ ଗୋପାଳ ଭାଇ ।"

ଗୋପାଳ ଭାଇମାନେ ଲଉଡ଼ି ଖେଳିବା ପାଇଁ ଗୋଟିଏ ସ୍ଥାନରେ ଏକତ୍ର ହୋଇଛନ୍ତି।ପ୍ରଥମେ ସେମାନେ ରାଧାକୃଷ୍ଣଙ୍କ ପବିତ୍ର ଚରଣଦ୍ୱୟକୁ ବନ୍ଦନା କରିଛନ୍ତି।ଦ୍ୱିତୀୟରେ ନୀଳାଚଳର ଅର୍ଥାତ୍ ନୀଳାଚଳ ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବନ୍ଦନା କରିଛନ୍ତି। ତୃତୀୟରେ ଗ୍ରାମ ଦେବତୀଙ୍କୁ ଏବଂ ଚତୁର୍ଥରେ ଭୈରବୀମା'ଙ୍କୁ ଏହି ଭଳି ଭାବରେ କ୍ରମାନୁସାରେ ବନ୍ଦନା କରି ପ୍ରତ୍ୟେକଙ୍କର ମହିମାଗାନ କରିଛନ୍ତି।

"ଆଜି କି ଆନନ୍ଦ ଦିନ / ମିଳିଲା ପ୍ରଭୁ ଦର୍ଶନ / ବିମାନେ ରାଧାମୋହନଛନ୍ତି / ପୁଣି ବିଦ୍ୟମାନ / ଗୋପରେ ଗୋପଗୋପାଳ / ହୋଇଛନ୍ତି ସର୍ବେ ମେଳ / ବେଶଭୂଷା ସାଜି ସର୍ବେ / କରନ୍ତି ଲଉଡ଼ି ଖେଳ / ଚବିଶ ଆଙ୍ଗୁଳିବାଡି / ଧରି ସର୍ବେ ଧାଡ଼ି ଧାଡ଼ି / ରାଧାକୃଷ୍ଣ

ପାଦେ ପଡ଼ି / କରୁଛୁ ତାଙ୍କୁ ବନ୍ଦନ / ନ ଆସିଲା ପଦମାନ / କହିବ ରାଧାମୋହନ / ଥିଲେ ଯାହା ଦୋଷାଦୋଷ / କରିବ ତ୍ରୁଟି ମାର୍ଜନ / ହରିବୋଲ ହୁଳହୁଳି / ପଡୁ ଏ ଗ୍ରାମ ଉଚ୍ଛୁଳି ।"

ଦୋଳ ଉତ୍ସବ ଦିନ ଗୋପପୁରର ସମସ୍ତ ଗୋପଗୋପାଳ ଓ ନରନାରୀମାନେ ଏକତ୍ର ମିଳିତ ହୋଇ ବିମାନରେ ବିଦ୍ୟମାନ ରାଧାକୃଷ୍ଣଙ୍କର ସୁନ୍ଦର ରୂପକୁ ଆନନ୍ଦର ସହ ଦର୍ଶନ କରିଛନ୍ତି । ଲଉଡ଼ି ଖେଳ ପାଇଁ ଉପଯୁକ୍ତ ବେଶଭୂଷା ପରିଧାନ କରି ଚବିଶ ଆଙ୍ଗୁଳି ଲେଖାଏଁ ଲମ୍ବା ବାଡି ଧରି ଧାଡ଼ି ଧାଡ଼ି ହୋଇ ରାଧକୃଷ୍ଣଙ୍କର ବନ୍ଦନା କରି ଗୋପାଳ ଭାଇମାନେ ଲଉଡ଼ି ଖେଳ ଖେଳିଛନ୍ତି।ପୁଣି କହୁଛନ୍ତି କି ତାଙ୍କୁ ପଦ ଆସୁନାହିଁ ଯାହା ବି କିଛି ଦୋଷ ଥିଲେ ତାକୁ ସହୃଦୟର ସହ ମାର୍ଜନ କରିବ ଏହିପରି ଭାବରେ ଭକ୍ତଭଗବାନଙ୍କର ଉକ୍ତି-ପ୍ରତ୍ୟୁକ୍ତିରେ ହରିବୋଲ ହୁଳହୁଳି ଶବ୍ଦରେ ଗ୍ରାମ ଉଚ୍ଛୁଳି ଉଠିଛି।

**ଶେଷକଥା**

ଦୋଳପୂର୍ଣ୍ଣିମା ହେଉଛି ଏକ ବିଶିଷ୍ଟ ସାମାଜିକ ତଥା ଆନନ୍ଦଦାୟକ ପର୍ବ।ଏହି ପର୍ବ ପ୍ରକୃତିର ରୂପ ମହଲରେ ନୂତନ ରଙ୍ଗ ଭରିଦିଏ।ସ୍ନେହ,ପ୍ରେମ ଓ ଭ୍ରାତୃତ୍ୱର ଏହି ପର୍ବ ସମସ୍ତଙ୍କ ମନରେ ଭରିଦିଏ ଅପାର ଆନନ୍ଦ।ଏହା ଭାରତୀୟ ପରମ୍ପରାର ମୂଳମନ୍ତ୍ର "ବିବିଧତା ମଧ୍ୟରେ ଏକତା" ର ଦିଗଦର୍ଶକ।ଏହି ପର୍ବର ବିଶେଷ ଆକର୍ଷଣ ଗୋପାଳମାନଙ୍କର ଲଉଡ଼ି ଖେଳ।ବାସ୍ତବରେ ଓଡ଼ିଶାର ମୌଳିକ ପରମ୍ପରାର ପ୍ରମାଣ ବହନ କରେ।ପ୍ରତିବେଶୀ ରାଜ୍ୟରେ ଏହି ପରମ୍ପରା ବିଶେଷ ପରିଦୃଷ୍ଟ ହୁଏ ନାହିଁ।ଏହା ଓଡ଼ିଆ ପରମ୍ପରାର ସ୍ୱାତନ୍ତ୍ର୍ୟତାର ପରିଚାୟକ ଓ ଓଡ଼ିଶାର ଅସ୍ମିତାର ପରିଚୟ।ରାଧାକୃଷ୍ଣଙ୍କ ପ୍ରେମଗାଥା ବହୁ ପ୍ରାଚୀନ ଓ ସର୍ବଭାରତୀୟ ସ୍ତରରେ ବିଦ୍ୟମାନ।ମାତ୍ର ତାହା କୈନ୍ଦ୍ରିକ ବିବିଧ ପରମ୍ପରା ମଧ୍ୟରୁ ଲଉଡ଼ି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜୀବନରେ ସମୂହର ପ୍ରତୀତି ଆଣିଥାଏ।

ଗାଁ ଗହଳିର କେତେକ ସ୍ଥାନକୁ ଛାଡିଦେଲେ ପ୍ରାୟ ଆଉ କେହିବି ଲୋକ ଗୀତିକା ଗାନ କରୁନାହାନ୍ତି। ବର୍ତ୍ତମାନ ସମୟ ଆସିଛି ଆମ ଅସ୍ମିତା ଆମ ଲୋକ ଗୀତକୁ ବଞ୍ଚେଇ ରଖିବାକୁ ପଡିବ। ଛୋଟ ଛୁଆଙ୍କୁ ମୋବାଇଲ ନୁହେଁ ବରଂ ମା ନିଜେ ଗୀତ ଗାଇ ଶୁଆଇବା, ଖୁଆଇବା, ଖେଳେଇବା ଏବଂ ଢୁନି କରେଇବାକୁ ପଡିବ। ତେବେ ଯାଇ ଏହି ବଦଳୁଥିବା ସମୟରେ ଆମେ ଖାପ ଖାଇ ଚଳିପାରିବା ଏବଂ ଆମ ଓଡ଼ିଆତ୍ୱକୁ ବଞ୍ଚେଇ ରଖିପାରିବା। ଏଥିପାଇଁ ଆମ ମାନଙ୍କ ଭିତରେ ଦୃଢ ପ୍ରତିଜ୍ଞା ତଥା ମାଟି ପ୍ରୀତି ମାନସିକତା ରହିବା ଆବଶ୍ୟକ।

**ସଙ୍କେତ ସୂଚୀ:**

୧. ପ୍ରଧାନ, କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଦ୍ୟାପୁରୀ, କଟକ, ଅଷ୍ଟମ ମୁଦ୍ରଣ, ୨୦୧୯

୨. ସାମନ୍ତରାୟ, ନଟବର, ଓଡ଼ିଆ ପଲ୍ଲୀ ସାହିତ୍ୟ, ୧୯୭୦

୩. ମହାପାତ୍ର, ଶ୍ୟାମସୁନ୍ଦର, ଓଡ଼ିଆ ଲୋକସାହିତ୍ୟ, ୧୯୯୫

୪. ନାୟକ ସଦାନନ୍ଦ, ଲୋକଧର୍ମ ଓ ଲୋକସାହିତ୍ୟ, ୧୯୯୯

୫.ୱିକିପିଡିଆ

ବି.ଦ୍ର:-ଲୋକଗୀତ ସଂଗ୍ରହ କରିଥିବା ଅଧ୍ୟୟନ କ୍ଷେତ୍ର-ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକର ନୂଆହତା ଓ ବନ୍ଧା ଗ୍ରାମ; ଏହି ଗ୍ରାମର ଅଧିକାଂଶ ଲୋକ ଗୋପାଳ ଜାତି । ଦୋଳପର୍ବରେ ଲଉଡି ବାଡି ଖେଳିବା ସହ ଲୋକଗୀତ ଗାନ କରିଥାନ୍ତି । ଶ୍ରଦ୍ଧେୟ ସାନଭାଇ ରିତେଶ ରାଉତ (ନୂଆହତା ଗ୍ରାମବାସୀ)ସହାୟତା କରିଛନ୍ତି।

**CC BY-NC 4.0**
ଦୋଳପର୍ବ ଓ ଲଉଡ଼ି ଲୋକଗୀତରେ ଓଡ଼ିଆ ଅସ୍ମିତା © 2025 by ବିଶ୍ୱରଂଜନ ମହାନ୍ତି is licensed under Creative Commons Attribution -NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/